# ତହସିଲ କାର୍ଯ୍ୟାଳୟ, କନିଷି, ଗଞ୍ଜାମ

OFFICE OF THE TAHASILDAR ★ KONISI(GM.) ★

ବସୁନ୍ଧରା ମିସ୍ କେସ୍ ନଂ. ୦୫ /୨୦୨୫

## ସର୍ବସାଧାରଣ ଇସ୍ତାହାର

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ତଫସିଲଭୁକ୍ତ ଜମିକୁ ରକ୍ଷିତ (କିସମ – ଗୋଚର) ଖାତାରୁ ଆବାଦ ଯୋଗ୍ୟ ଅନାବାଦୀ ଖାତା ଏବଂ କିସମ - ଗୋଚରରୁ ପତିତରେ ପରିବର୍ତ୍ତନ କଲାପରେ ନିମ୍ନ ତଫସିଲଭୁକ୍ତ ସରକାରୀ ଜମିକୁ ବସୁନ୍ଧରା ଯୋଜନାରେ ଗୃହ ନିର୍ମାଣ ଉଦ୍ଦେଶ୍ୟରେ ଲିଜ୍ ସୂତ୍ରରେ ଦେବା ପାଇଁ ସ୍ଥିରକୃତ ହୋଇଅଛି ।

ଏଣୁ ନିମ୍ନ ତଫସିଲଭୁକ୍ତ ଜମିର ଖାତା ଓ କିସମ ପରିବର୍ତ୍ତନ ଉପରେ ଯଦି କାହାର କିଛି ଆପତ୍ତି ଅଭିଯୋଗ ଥାଏ, ତେବେ ଏହି ଇସ୍ତାହାର ପ୍ରକାଶ ପାଇବାର **୧୫ (ପନ୍ଦର)** ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଯେକୌଣସି କାର୍ଯ୍ୟ ଦିବସରେ ଲିଖିତ ଆପତ୍ତି ଅଭିଯୋଗ ଦାଖଲ କରିପାରିବେ । ଧାର୍ଯ୍ୟ ସମୟ ଅତିକ୍ରାନ୍ତ ହେବା ପରେ କୌଣସି ଆପତ୍ତି କିମ୍ବା ଅଭିଯୋଗ ଗ୍ରହଣ କରାଯିବନାହିଁ ।

### ତଫସିଲଭୁକ୍ତ ଜମିର ବିବରଣୀ

| ମୌଜା | ଖାତା ନଂ | ପ୍ଲଟ ନଂ | ମୋଟ ରକବା (ଏକରରେ) | ପ୍ରସ୍ତାବିତ ରକବା (ଏକରରେ) | କିସମ/ ଖାତାଦାର |
|---|---|---|---|---|---|
| ପଦ୍ମପୁର | ୫୭୭ | ୨୯୪ | ୭.୨୦୦ | ୦.୦୬୬ | ଗୋଚର / ରକ୍ଷିତ |

04/7/25

ତହସିଲଦାର, କନିଷି
Tahasildar
Konisi (Gm.)

ପରିପତ୍ର ସଂଖ୍ୟା- 8331 / ତାରିଖ- ୦୪.୦୭.୨୦୨୫ 04.7.25

ଏହାର ଏକକିତା ନକଲ ରାଜସ୍ୱ ନିରୀକ୍ଷକ, ପଦ୍ମପୁରଙ୍କ ଦ୍ୱାରା ମୌଜା- ପଦ୍ମପୁର ପ୍ରକାଶ୍ୟ ସ୍ଥାନରେ ଡେଙ୍ଗୁରା/ମାଇକିଙ୍ଗ୍ ଦ୍ୱାରା ଜାରି କରିବା ପାଇଁ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ସରପଞ୍ଚ, ପଦ୍ମପୁର ଗ୍ରାମପଞ୍ଚାୟତଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, କନିଷିର ବିଜ୍ଞାପନ ଫଳକରେ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ଜାରି କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ (DIO), ଏନ୍.ଆଇ.ସି., ଗଞ୍ଜାମଙ୍କ ଅବଗତି ଓ ୱେବ-ସାଇଟ୍ ମାଧ୍ୟମରେ ବିଜ୍ଞପ୍ତି ପ୍ରକାଶ କରିବା ନିମନ୍ତେ ପ୍ରେରଣ କରାଗଲା ।

04/7/25

ତହସିଲଦାର, କନିଷି
Tahasildar
Konisi (Gm.)